ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍

## ତା ୧୭.୧୨.୨୦୨୧

ଆଜି ଅପରାହ୍ନ ୩ ଘଟିକା ସମୟରେ ରାଜ୍ୟ ପୋଲିସ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ୬୩ତମ ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ବାର୍ଷିକ ସମ୍ମିଳନୀର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡିଜିପି ଶ୍ରୀ ଅଭୟଙ୍କ ସମେତ ବହୁ ବରିଷ୍ଠ ପୋଲିସ୍ ଅଧିକାରୀଗଣ ଉପସ୍ଥିତ ରହି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହାସହ ବରିଷ୍ଠ ପୋଲିସ୍ ଅଧିକାରୀଗଣ ବିଭିନ୍ନ ପ୍ରସଙ୍ଗରେ ନିଜର ପ୍ରସ୍ତାବ ଉପସ୍ଥାପନ କରିବା ସହ ପୋଲିସ୍ ବିଭାଗକୁ କିଭଳି ଅଧିକ କ୍ରିୟାଶୀଳ ଓ ବୁଦ୍ଧିମନ୍ତ କରାଯିବ ସେ ସଂକ୍ରାନ୍ତରେ ମତବ୍ୟକ୍ତ ରଖିଥିଲେ ।

ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ନିର୍ଦ୍ଦେଶକ, ଏସ୍ଏଫ୍ଏସ୍ଏଲ୍, ପୋଲିସ୍ ବିଭାଗରେ ଫରେନ୍ସିକ୍‌ର ବ୍ୟବହାର ଏବଂ ଏହାର ସୁଫଳ ସଂକ୍ରାନ୍ତରେ ସବିଶେଷ ଆଲୋଚନା କରିଥିଲେ । ଏହାପରେ ସଡ଼କ ସୁରକ୍ଷା ନିରାପତା ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଥିଲା । ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରାଯାଇ ଦୁର୍ଘଟଣାର ସଂଖ୍ୟା କିଭଳି ହ୍ରାସ କରାଯାଇପାରିବ ସେ ସଂକ୍ରାନ୍ତରେ ବୈଠକରେ ମତପ୍ରକାଶ ପାଇଥିଲା । ଅଜଣା ଯାନବାହନ ଦ୍ୱାରା ଦୁର୍ଘଟଣାରେ ମୃତ୍ୟୁ ଏବଂ ଆହତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ସହାୟତା ରାଶି ପ୍ରଦାନ କରାଯାଉଥିବା ବୈଠକରେ ମତପ୍ରକାଶ ପାଇଥିଲା । ଟ୍ରାନ୍ସପୋର୍ଟ କମିଶସନର ସଡ଼କ ସୁରକ୍ଷା ସଂକ୍ରାନ୍ତରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲେ ।

ଏହାପରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ, ମହିଳା ଏବଂ ଶିଶୁଙ୍କ ଉପରେ ଘଟୁଥିବା ଅପରାଧ ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ଅତିରିକ୍ତ ଡିଜିପି(ଏଚ୍ଆରପିସି), ଅତିରିକ୍ତ ଡିଜିପି (କ୍ରାଇମବ୍ରାଂଚ), ଆଇଜି(କ୍ରାଇମବ୍ରାଂଚ) ପ୍ରମୁଖ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଅନୁସୂଚିତ ଜାତି ଓ ଜନଜାତି ସଂକ୍ରାନ୍ତୀୟ ମାମଲା, ଦୁଷ୍କର୍ମ, ଅସଦାଚରଣ, ଯୌନ ନିର୍ଯାତନା, ଜନଗହଳି ସ୍ଥାନରେ ମହିଳା/ଯୁବତୀଙ୍କୁ ଅଶ୍ଳିଳ ଇଙ୍ଗିତ ପ୍ରଦର୍ଶନ, ମହିଳା/ଯୁବତୀଙ୍କୁ ଏସିଡ୍ ଆକ୍ରମଣ, ଅଶ୍ଳିଳ ଇଙ୍ଗିତ, ମହିଳା/ଯୁବତୀଙ୍କୁ ଅପହରଣ, ଯୌତୁକ ନିର୍ଯାତନା, ଯୌତୁକଜନିତ ହତ୍ୟା, ପୋକ୍ସୋ ମାମଲା, ମହିଳାଙ୍କ ବିରୋଧରେ ସାଇବର ଅପରାଧ ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଥିଲା । ଏହାବ୍ୟତୀତ ନିଖୋଜ ଶିଶୁଙ୍କୁ ଉଦ୍ଧାର ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଥିଲା ।

ରାଜ୍ୟରେ ନିଖୋଜ ଶିଶୁଙ୍କୁ ଉଦ୍ଧାର ନିମନ୍ତେ ସ୍ୱତନ୍ତ୍ର ଡ୍ରାଇଭ୍ କାର୍ଯ୍ୟ କରୁଥିବା ବୈଠକରେ ପ୍ରକାଶ ପାଇଥିଲା ।

ପର୍ଯ୍ୟାୟକ୍ରମେ ପୋଲିସ୍ ହାଉସିଂ, ହୋମ୍‌ଗାର୍ଡ,ବେସାମରିକ ପ୍ରତିରକ୍ଷା ଏବଂ ଅଗ୍ନିଶମ ବିଭାଗ ସମ୍ପର୍କିତ ଆଲୋଚନା ହୋଇଥିଲା । ଏହାପରେ ଜେଲ୍ ବିଭାଗ, ଓଏସ୍‌ଏପି ଏବଂ କାର୍ମିକ ବିଭାଗ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା ।

ଆଜିର ଏହି ସମ୍ମିଳନୀରେ ଆଡ୍‌ଭୋକେଟ୍ ଜେନେରାଲ୍ ଶ୍ରୀ ଅଶୋକ ପରିଜା ଭର୍ଚୁଆଲ୍ ମାଧ୍ୟମରେ ଉପସ୍ଥିତ ରହି ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ମନୋନୀତ ହୋଇଥିବା ଡିଜିପି ସୁନୀଲ କୁମାର ବଂଶଲ ମଧ୍ୟ ଭର୍ଚୁଆଲ୍ ମାଧ୍ୟମରେ ବୈଠକରେ ଉପସ୍ଥିତ ଥିଲେ । ରାଜ୍ୟ ପୋଲିସ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରୁ ଡଃ ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଡିଜିପି(ରେଳବାଇ), ସଞ୍ଜୀବ ପଣ୍ଡା, ଅତିରିକ୍ତ ଡିଜିପି( କ୍ରାଇମ୍‌ବ୍ରାଂଚ),ଆର୍.କେ. ଶର୍ମା, ଅତିରିକ୍ତ ଡିଜିପି( ଆଇନ୍ ଓ ଶୃଙ୍ଖଳା) ଅମିତାଭ ଠାକୁର, ଆଇଜି(ଅପରେସନ୍), ଏସ୍.ପ୍ରବୀଣ କୁମାର,ଆଇଜି(ପର୍ସୋନେଲ), ନରସିଂହ ଭୋଳ, ଆଇଜି( କେନ୍ଦ୍ରାଂଚଳ) ପ୍ରମୁଖ ଉପସ୍ଥିତ ଥିଲେ ।

[signature] 17/12/21
PRO